୩ ଡିସେମ୍ବର ୨୦୧୧

# ଅଯଥା ଅହଂକାର

ବାରବାଟୀ ଷ୍ଟାଡିୟମରେ ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ହୋଇଥିବା ଏକଦିବସୀୟ କ୍ରିକେଟ ଖେଳର ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟପାଳଙ୍କୁ ନେଇ ଯେଉଁ ବିତର୍କ ହେଉଛି, ତାହା ଆମ ସାମଗ୍ରିକ ଜୀବନର ଏକ ବିଲକ୍ଷଣ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସମୁଦାୟ ବ୍ୟାପାରଟିକୁ କ୍ରିକେଟ୍ ମ୍ୟାଚ୍‌ର ଉଦ୍ୟୋକ୍ତାମାନେ ଯେପରି ଭାବେ ଉପସ୍ଥାପିତ କରିବା ପାଇଁ ଚେଷ୍ଟା କରିଛନ୍ତି, ତାହା ତାଙ୍କର ଅଜ୍ଞତା ଓ ଦୁର୍ବଳତାକୁ ପଦାରେ ପକାଇ ଦେଉଛି। ଗୋଟିଏ ଦୃଷ୍ଟିରୁ ଦେଖିଲେ, ସେମାନେ ଏକ ଅକ୍ଷମଣୀୟ ଅପରାଧ କରିଛନ୍ତି। ଭୁଲ ସ୍ୱୀକାର କରିନେଇଥିଲେ ତାଙ୍କର ବୁଦ୍ଧିମତ୍ତାର ପରିଚୟ ମିଳିଥାନ୍ତା। କାରଣ, କଥାଟି ଅତ୍ୟନ୍ତ ସରଳ। କ୍ରିକେଟ୍ ମ୍ୟାଚ୍ ଦେଖିବା ପାଇଁ ରାଜ୍ୟପାଳ ମହୋଦୟ ବାରବାଟୀ ପଡ଼ିଆକୁ ଯାଇଥିଲେ। ତାଙ୍କୁ କିଏ ନିମନ୍ତ୍ରଣ କରିଥିଲା କିମ୍ବା କେଉଁ କାର୍ଯ୍ୟକ୍ରମ ପାଇଁ ସେ ନିମନ୍ତ୍ରିତ ହୋଇଥିଲେ, ତାହା ଏଠି ଆଦୌ ପ୍ରାସଙ୍ଗିକ ନୁହେଁ। ବରଂ ରାଜ୍ୟପାଳ ମହୋଦୟଙ୍କର ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଯେ ଅଧିକ ମର୍ଯ୍ୟାଦା ଦେଲା, ଏଥିରେ ଉଦ୍ୟୋକ୍ତା ବନ୍ଧୁମାନେ ଅତ୍ୟନ୍ତ ଖୁସି ହେବା କଥା। ରାଜ୍ୟପାଳ ମହୋଦୟ ଯେଉଁଠି ଉପସ୍ଥିତ ହୋଇଯାଆନ୍ତି, ରାଜ୍ୟର ପ୍ରଥମ ନାଗରିକ ଭାବେ ମୁଖ୍ୟ ହୋଇଯାଆନ୍ତି। ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ପରେ ରାଜ୍ୟପାଳମାନଙ୍କୁ ଏପରି ପ୍ରାଧାନ୍ୟ ଦିଆହୋଇଛି। ଏହା ପ୍ରୋଟୋକଲ୍‌ର କଥା। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସମ୍ପାଦକ ଆଶୀର୍ବାଦବାବୁ ଏହା ଜାଣିବା କଥା। କିନ୍ତୁ ଅନେକ କଥା ସେ ଜାଣନ୍ତି ନାହିଁ। ତାହା ତାଙ୍କର ଦୁର୍ବଳତା ଓ ସମସ୍ୟା। ବର୍ତ୍ତମାନ ପ୍ୟାରୀବାବୁ କହୁଛନ୍ତି, ମତେ ନିମନ୍ତ୍ରଣ କରି ନିଆଯାଇଥିଲା ଏବଂ

## ଆମ ଘରର ହାଲଚାଲ

**ସୌମ୍ୟରଂଜନ ପଟ୍ଟନାୟକ**

ଯାହା କରିବାକୁ କୁହାଗଲା ତାହା ମୁଁ କଲି, ସେଥିରେ ମୋର ଦୋଷ ରହିଲା କେଉଁଠି ? ତାଙ୍କର ଦୋଷ ହେଲା, ଦୀର୍ଘଦିନର ପ୍ରଶାସନିକ ଅନୁଭବରୁ ଏବଂ ବର୍ତ୍ତମାନ ସାଂସଦ ହୋଇଥିବା ଦୃଷ୍ଟିରୁ ଏହି ନିୟମକାନୁନ ସମ୍ପର୍କରେ ସେ ଜାଣିବା ଉଚିତ। ବହୁବର୍ଷ ଧରି ଜିଲ୍ଲାପାଳ ଓ ସଚିବ ଭାବେ ସେ ଦାୟିତ୍ୱ ତୁଲାଇଛନ୍ତି। ରାଜ୍ୟପାଳଙ୍କର ପଦମର୍ଯ୍ୟାଦା ସମ୍ପର୍କରେ ସଚେତନତା ତାଙ୍କଠାରୁ ଆଶା କରିବା ସ୍ୱାଭାବିକ। ଯଦିବା ଶେଷ ମୁହୂର୍ତ୍ତରେ ରାଜ୍ୟପାଳ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ପାଇଁ ଇଚ୍ଛା ପ୍ରକାଶ କଲେ, ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମକୁ ସେହି ଅନୁସାରେ ବଦଳାଇ ଦେବାରେ ବିଶେଷ କିଛି ଅସୁବିଧା ନଥିଲା। ପୁଣି ତାହା ବି ଯଦି ହୋଇ ନପାରିଲା, ଏଭଳି ଏକ ଭୁଲ୍‌କୁ ସ୍ୱୀକାର କରି କ୍ଷମା ମାଗିନେଲେ କେଉଁ ମହାଭାରତ ଅଶୁଦ୍ଧ ହୋଇଯାଇଥାନ୍ତା?

ନା, ତାହା ସେ କରିବେ ନାହିଁ, କ୍ଷମତାର ନିଶା ତାଙ୍କୁ ଏପରି ଘାରିଛି ଯେ ସେ ଭଲମନ୍ଦ ବା ଉଚିତ ଅନୁଚିତର ବିଚାରବୋଧ ହରାଇ ବସିଛନ୍ତି। କେବଳ ପ୍ୟାରୀବାବୁ ଓ ଆଶୀର୍ବାଦବାବୁଙ୍କର ଯେ ଏଭଳି ଚୈତନ୍ୟହରଣ ହୋଇଛି, ତାହା ନୁହେଁ, କ୍ଷମତାନ୍ଧ ନବୀନ ସରକାରର ଅଧିକାଂଶ ସଭ୍ୟଙ୍କର ଏପରି ଅଯଥା ଅହଙ୍କାର ଆମ ବ୍ୟବସ୍ଥାକୁ ନିନ୍ଦିତ କରୁଛି। ଆମେ ସଂଖ୍ୟାଧିକ ଭୋଟ ପାଇ ନିର୍ବାଚିତ ହୋଇଛୁ, 'ଯୋ ଜିତା ୱୋ ସିକନ୍ଦର' ନ୍ୟାୟରେ ଆମେ କୌଣସି ନୀତି ନିୟମ ମାନିବୁ ନାହିଁ, ଆମେ ଯାହା କହିବୁ ବା ଚାହିଁବୁ ତାହା ହିଁ ହେବ; ନବୀନବାବୁଙ୍କର ପ୍ରତ୍ୟେକ ବିଭାଗରେ ଏଭଳି ଅହଂକାରର ପ୍ରତିଫଳନ ଊଣାଅଧିକେ ଦେଖିବାକୁ ମିଳିଲାଣି। ରାଜ୍ୟପାଳଙ୍କ ପ୍ରତି ଅମର୍ଯ୍ୟାଦା ଏହାର ସଦ୍ୟତମ ପ୍ରମାଣ କହିଲେ ଅତ୍ୟୁକ୍ତି ହେବ ନାହିଁ।

ପଦାର୍ଥ, ଅପଦାର୍ଥର ବିଚାର ନକରି ସଂଖ୍ୟା ଖେଳରେ ଜିତୁଥିବା ବ୍ୟକ୍ତିମାନଙ୍କୁ କ୍ଷମତା ଭୋଗ କରିବାର ଅବାଧ ସୁଯୋଗ ଗଣତନ୍ତ୍ର ଦେଉଥିଲେ ମଧ୍ୟ ଏହା ଅଯଥା ଅହଂକାରକୁ ସବୁକାଳ ପାଇଁ ବରଦାସ୍ତ କରେ ନାହିଁ। ଏହାର ଅନେକ ଦୃଷ୍ଟାନ୍ତ ଇତିହାସରେ ଅଛି। ନବୀନବାବୁଙ୍କର ଏ ଅଯଥା ଅହଂକାରର ଠିକଣା ଜବାବ ଓଡ଼ିଶାବାସୀ ଠିକଣା ସମୟରେ ହିଁ ଦେବେ।